# Akashvani, Sambalpur

## SAMBALPURI NEWS BULLETIN

### 12 February 2026 – 6.47- 6.52 am.

************************************************

ବନ୍ଦେ ମାତରମ୍          ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ସବୁ ସର୍‌କାରୀ ବିଦ୍ୟାଳୟ ଆଉ କାର୍ଯ୍ୟକ୍ରମ୍‌ମାନ୍‌କେ ଜାତୀୟ ସଂଗୀତ ଜନଗଣମନ ଗାଏବାର୍ ଆଘୋନୁ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍ ଗାଏବାର୍ ବାଧ୍ୟତାମୂଲକ୍ କରାଯାଇଛେ । ଇ ବାବ୍‌ଦେ ଗଲାକାଏଲ୍ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତର୍‌ଫୁ ଗୁଟେ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ପଦ୍ମପୁରସ୍କାର୍ ଆଉ ରାଷ୍ଟ୍ରପତିଙ୍କର୍ କାର୍ଯ୍ୟକ୍ରମ୍, ସିନ୍‌ମା ହଲ୍ ବାଗିର୍ ସାର୍ବଜନୀନ ଜାଗା ନ ବନ୍ଦେ ମାତରମ୍ ଗାଏବାର୍‌ଟା ଜରୁରୀ ଆଏ । କେହି ତାର୍ ଅସମ୍ମାନ୍ କଲେ ୩ ବଛର୍‌ତକ୍ ଜେଲ୍ ହେଇପାରେ ।

ଓସ୍‌ଡମା- ପରିଚାଳନା ପରିଷଦ୍ ବୈଠକ/ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ

- ଓସ୍ଡମା ର ପରିଚାଳନା ପରିଷଦ୍ ବୈଠକ୍ ହେଇଯାଇଛେ । ବନ୍ୟା, ବାତ୍ୟା ବାଗିର୍ ପ୍ରାକୃତିକ ବିପର୍ଯ୍ୟୟ ବାଗିର୍ ନିୟମିତ ତୟାରି ସହେତେ ସାଁପ୍‌ଚବା, ଚଡ଼କ୍‌ମରା ବାଗିର୍ ବିପର୍ଯ୍ୟୟ ଲାଗି ସଚେତନତା ସୃଷ୍ଟି କର୍‌ବାର୍ ସହେତେ ପଦକ୍ଷେପ୍ ନେବାର୍‌କେ ମୁଖ୍ୟ ଶାସନ୍ ସଚିବ ଜୋର୍ ଦେଇଛନ୍ ।

ସାଇବର୍ ଠକେଇ-ସମୀକ୍ଷା ବୈଠକ୍      ଆଇ.ଆଣ୍ଡ୍.ପି.ଆର୍

ରାଏଜେ ବଢୁଥିବା ସାଇବର୍ ଠକେଇ ଆଉ ଅର୍ଥନୈତିକ ଅପରାଧ୍ ରୁକ୍‌ବାର୍ ଲକ୍ଷ୍ୟଥି ଗଲାକାଏଲ୍ ରାଜ୍ୟ ପୁଲିସ୍ ମୁଖ୍ୟାଲୟ ନ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ରାଜ୍ୟ ସର୍‌କାର୍ ୨୦ ଟା ନୂଆଁ ସାଇବର୍ ଥାନା ଥାପ୍‌ନା କର୍‌ବାର୍‌କେ ଅନୁମୋଦନ୍ ଦେଇଛନ୍ । ଖୋବ୍ ଜଲ୍‌ଦି ଥାନା ମାନ୍‌କର୍ ଉଦ୍‌ଘାଟନ୍ କରାଯିବା ବଲି ବୈଠକ୍‌ଥି ଶ୍ରୀ ଖୁରାନିଆ କହିଛନ୍ । ଇତାର୍‌ସହେତେ ସାଇବର୍ ଥାନାମାନ୍‌କୁ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଅତ୍ୟାଧୁନିକ୍ ସଫ୍‌ଟୱେର୍, ହାର୍ଡୱେର୍ ବ୍ୟବସ୍ଥା, ତାଲିମ୍ ପାଇଥିବା ପୁଲିସ୍ କର୍ମଚାରୀ ଆଉ ବିଶେଷଜ୍ଞମାନ୍‌କୁ ନିଯୁକ୍ତି ଦେବାର୍‌କେ ଶ୍ରୀ ଖୁରାନିଆ ସୂଚ୍‌ନା ଦେଇଛନ୍ ।

ଗନ୍ଧମାର୍ଦ୍ଧନ୍- ନକ୍ସଲ୍ ନିରୋଧୀ ଅଭିଯାନ/ଆର୍ଏନ୍ୟୁ/ ସମ୍ବଲପୁର

ବର୍ଗଡ୍ ଆଉ ବଲାଙ୍ଗିର୍ ଜିଲ୍ଲା ମଝି ଥିବା ଗନ୍ଧମାର୍ଦ୍ଧନ୍ ରେଞ୍ଜ୍ ଆଉ ଜଙ୍ଗଲ୍ ଇଲାକାକେ ନକ୍ସଲ୍ ମୁକ୍ତ କରାଯିବା ବଲି ନକ୍ସଲ୍ ନିରୋଧୀ ଅଭିଯାନ୍ର ରାଜ୍ୟ ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ ସଞ୍ଜିବ୍ ପଣ୍ଡା କହିଛନ୍ । ଗଲାକାଏଲ୍ ବର୍ଗଡ୍ ନ ଶ୍ରୀ ପଣ୍ଡା ନକ୍ସଲ୍ ଥିତିର୍ ସମୀକ୍ଷା କର୍ବାର୍ ସହେତେ ଦୁହି ଜିଲ୍ଲା ନ ବରିଷ୍ଠ ପଦାଧିକାରୀମାନ୍କର୍ ସଙ୍ଗେ ଆଏବା ରଣନୀତି ବାବ୍ଦେ ଆଲୋଚନା କରିଛନ୍ । ଗନ୍ଧମାର୍ଦ୍ଧନ୍କେ ନକ୍ସଲ୍ମୁକ୍ତ କର୍ବାର୍ ଲାଗି ବ୍ୟାପକ୍ ମାତ୍ରାଥି ସିଆର୍ପିଏଫ୍ ସହେତେ ଏସ୍ଓଜି, ଡିଭିଏଫ୍ ଆଉ ଗୁଇନ୍ଦା ଫୋର୍ସ ନିୟୋଜିତ୍ କରାଯିବା ବଲି ଶ୍ରୀ ପଣ୍ଡା କହିଛନ୍ ।

ସମ୍ବଲପୁର -ସୁଭଦ୍ରା ଶକ୍ତିମେଳା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା -୨୦୨୬ ସହରର୍ ଅଇଁଠାପାଲି ବିର୍ସାମୁଣ୍ଡା ପଡ଼ିଆ ନ ଆଏବା କାଏଲ୍ ଠାନୁ ମୁଲ୍ ହେବା । ୭ ଦିନିଆ ମେଳାଥି ଜିଲ୍ଲାର୍ ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ଉଦ୍ୟୋଗୀ, କାରିଗର୍ ଆଉ ଉତ୍ପାଦକମାନେ ତାଙ୍କର୍ ତିଆରି ଦରବ୍ର ପ୍ରଦର୍ଶନ୍ ସହେତେ ବିକ୍ରି କରିପାର୍ବେ ।

ଶିଶୁ ସୁରକ୍ଷା ବୈଠକ୍           ସୁବର୍ଣ୍ଣପୁର୍ ସମ୍ବଲ୍‌ପୁର୍

ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଗଲାକାଏଲ୍ ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ସମନ୍ୱୟ ଆଉ ସହଯୋଗ୍ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଶିଶୁ ସୁରକ୍ଷା ଦିଗେ ନିଆଯାଇଥିବା ପଦକ୍ଷେପ୍, ହେଲ୍ପଲାଇନ୍ ସେବା, ଭିନ୍ ଭିନ୍ ବିଭାଗ୍‌ର କାମ୍, ଭବିଷ୍ୟତ୍ ଯୋଜ୍‌ନା ଆଉ ଶିଶୁ ସୁରକ୍ଷା ଅଭିଯାନ୍ ବେଲ୍‌କେ ଦେଖାଦଉଥିବା ସମସ୍ୟା ଉପ୍‌ରେ ଆଲୋଚନା କରାଯାଇଥିଲା ।

ଆଇନ୍ ସଚେତନତା       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଜିଲ୍ଲା ଓକିଲ ସଂଘ ସଭାଗୃହ ନ ଗଲାକାଏଲ୍ ଗୁଟେ ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ପ୍ରବାସୀ ଶ୍ରମିକଙ୍କର୍ ଭିନ୍ ଭିନ୍ ସମସ୍ୟା ଆଉ ବନ୍ଧକ୍ ଶ୍ରମିକ୍‌ମାନ୍‌କର୍ ଉପ୍‌ରେ ସଚେତନ୍ କରାଯାଇଥିଲା ।